# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 5 September - 2024

### News Editor : Itishree Singh Rathaur

**********************************

## ମୁଖ୍ୟ ସମ୍ବାଦ

- ଗୁରୁଶିଷ୍ୟ ପରମ୍ପରାକୁ ଉଦ୍‌ଜୀବିତ ରଖିବା ଉଦ୍ଦେଶ୍ୟରେ ଆଜି ଦେଶରେ ପାଳନ କରାଯାଉଛି ଗୁରୁଦିବସ

— ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଷ୍ଟ୍ରପତି ଆଜି ୮୨ ଜଣ ଶିକ୍ଷକଙ୍କୁ କରିବେ ପୁରସ୍କୃତ

- ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଚଳିତବର୍ଷରୁ ଲାଗୁ ହେବ ସହିଦ୍ ମାଧୋ ସିଂ ହାତଖର୍ଚ୍ଚ ଯୋଜନା

- ଡାକ୍ତରଙ୍କ ସୁରକ୍ଷା ପାଇଁ ଟାସ୍କଫୋର୍ସ୍ ଗଠନ କରାଯାଇଛି, ବିଧାନସଭାରେ କହିଲେ, ସ୍ୱାସ୍ଥ୍ୟମନ୍ତ୍ରୀ

ଏବଂ

- ବଙ୍ଗୋପସାଗରରେ ଆଜି ଏକ ଲଘୁଚାପ ସୃଷ୍ଟି ସମ୍ଭାବନା; ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ୧୮ଟି ଜିଲ୍ଲାକୁ ସତର୍କ ସୂଚନା

# ଗୁରୁଦିବସ

ଭାରତବର୍ଷର ଗୁରୁଶିଷ୍ୟ ପରମ୍ପରାକୁ ଉଦ୍‌ଜୀବିତ ରଖିବା ପାଇଁ ଦେଶରେ ଆଜିର ଦିନକୁ ଗୁରୁଦିବସ ଭାବେ ପାଳନ କରାଯାଉଛି। ଦେଶର ଦ୍ୱିତୀୟ ରାଷ୍ଟ୍ରପତି, ରାଷ୍ଟ୍ରନୀତିଜ୍ଞ, ଶିକ୍ଷାବିତ୍ ସର୍ବପଲ୍ଲୀ ଡକ୍ଟର ରାଧାକ୍ରିଷ୍ଣନଙ୍କ ଜୟନ୍ତୀରେ ଏହି ଦିବସ ପାଳନ କରାଯାଉଛି । ଡକ୍ଟର ରାଧାକ୍ରିଷ୍ଣନ ୧୮୮୮ ମସିହା ସେପ୍ଟେମ୍ବର ୫ ତାରିଖରେ ତାମିଲନାଡୁର ତିରୁଟ୍ଟନୀଠାରେ ଜନ୍ମଗ୍ରହଣ କରିଥିଲେ । ଶିକ୍ଷା ପ୍ରତି ଥିବା ତାଙ୍କର ଅବଦାନକୁ ମନେ ରଖିବା ପାଇଁ ଏହି ଦିବସ ପାଳନ କରାଯାଉଛି। ଛାତ୍ରଛାତ୍ରୀମାନେ ତାଙ୍କ ଜନ୍ମଦିନ ପାଳନ କରିବାକୁ ଅନୁରୋଧ ପରିପ୍ରେକ୍ଷୀରେ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ କହିଥିଲେ ତାଙ୍କର ଜନ୍ମଦିନ ପାଳିବା ବଦଳରେ ଶିକ୍ଷକମାନଙ୍କ ଦିବସ ଭାବେ ପାଳନ କରାଗଲେ ତାଙ୍କ ପାଇଁ ବଡ଼ ସମ୍ମାନ ହେବ। ସେହିଦିନଠାରୁ ଡକ୍ଟର ରାଧାକ୍ରିଷ୍ଣନ୍ଙ୍କ ଜନ୍ମଜୟନ୍ତୀକୁ ଗୁରୁଦିବସ ଭାବେ ପାଳନ କରାଯାଉଛି।

ଗୁରୁଦିବସ ପାଳନ ଅବସରରେ **ରାଜ୍ୟପାଳ** ରଘୁବର ଦାସ ଗୁରୁଜନ ଏବଂ ଶିକ୍ଷକ ସମାଜକୁ ଶୁଭେଚ୍ଛା ଜଣାଇଛନ୍ତି। **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି, ସମାଜ ପ୍ରତି ଗୁରୁଙ୍କ ଅବଦାନ ଅତୁଳନୀୟ।

**କେନ୍ଦ୍ରମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ସାମାଜିକ ଗଣମାଧ୍ୟମରେ ଶୁଭେଚ୍ଛା ବାର୍ତ୍ତା ପୋଷ୍ଟ କରି କହିଛନ୍ତି, ଭବିଷ୍ୟତ ପିଢ଼ିକୁ ମାର୍ଗଦର୍ଶନ କରିବାରେ ଶିକ୍ଷକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ଏହି ଅବସରରେ ଦିଲ୍ଲୀର ବିଜ୍ଞାନ ଭବନଠାରେ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଷ୍ଟ୍ରପତି ୮୨ ଜଣ ଶିକ୍ଷକଙ୍କୁ ସମ୍ମାନିତ କରିବେ । ସେମାନଙ୍କ ମଧ୍ୟରେ ବିଦ୍ୟାଳୟ ବିଭାଗରୁ ୫୦ ଜଣ ଶିକ୍ଷକଙ୍କୁ ଚୟନ କରାଯାଇଥିବାବେଳେ ଉଚ୍ଚଶିକ୍ଷା ବିଭାଗର ୧୬ ଜଣ ଏବଂ କୌଶଳ ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ୧୬ ଜଣ ଶିକ୍ଷକଙ୍କୁ ସମ୍ମାନିତ କରାଯିବ ।

ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଏହି ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜିତ ହେବାର ଖବର ଆମର ହସ୍ତଗତ ହୋଇଛି ।

## ଗୁରୁଦିବସ-୨

ଗୁରୁ କେବଳ ବିଦ୍ୟାର୍ଥୀମାନଙ୍କ ଭବିଷ୍ୟତ ଗଠନ କରନ୍ତି ନାହିଁ ବରଂ ସମ୍ପୂର୍ଣ୍ଣ ସମାଜର ଭବିଷ୍ୟତ ନିର୍ଦ୍ଧାରଣ କରନ୍ତି ବୋଲି ଭୁବନେଶ୍ୱର ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟସ୍ତରୀୟ ଗୁରୁଦିବସ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଏହି ଅବସରରେ ସେ ଶିକ୍ଷକମାନଙ୍କୁ ଛାତ୍ରଛାତ୍ରୀମାନଙ୍କୁ ଭଲ ମଣିଷ କରି ଗଢ଼ିବା ତଥା ନୀତି ଆଦର୍ଶ ଓ ବିଚାରଧାରାର ଅନୁଶୀଳନ କରି ବଢ଼ିବାର ଶିକ୍ଷା ଦେବା ପାଇଁ ପରାମର୍ଶ ଦେଇଛନ୍ତି ।

**- V/O -**

## ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ରାଜ୍ୟର ପ୍ରତି ପଂଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା

କରାଯିବ। ଗୁରୁଦିବସ ଅବସରରେ ଏକ ଘରୋଇ ଟିଭି ଚାନେଲକୁ ସାକ୍ଷାତକାର ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ୫୦୦ଟି ସ୍କୁଲ ବିକଶିତ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ସବୁ ପଞ୍ଚାୟତରେ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରାଯିବ। ଏ ନେଇ ବଜେଟ୍‌ରେ ବ୍ୟବସ୍ଥା ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ସହିଦ୍ ମାଧୋ ସିଂ ହାତଖର୍ଚ୍ଚ ଯୋଜନା

ରାଜ୍ୟରେ ଥିବା ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଚଳିତବର୍ଷରୁ ସହିଦ୍ ମାଧୋ ସିଂ ହାତଖର୍ଚ୍ଚ ଯୋଜନା ଲାଗୁ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ହୋଇଥିବା ଗୃହରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ଯୋଜନାରେ ନବମ ଓ ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ବାର୍ଷିକ ୫ ହଜାର ଟଙ୍କା ମିଳିବ। ଏଥିପାଇଁ ୧୫୬ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ଯୋଜନା ଦ୍ୱାରା ପ୍ରାୟ ୩ ଲକ୍ଷ ଛାତ୍ରଛାତ୍ରୀ ଉପକୃତ ହେବେ ବୋଲି ମନ୍ତ୍ରୀ କହିଛନ୍ତି।

ସେହିଭଳି ଓଡ଼ିଶା ଦ୍ରବ୍ୟ ଓ ସେବା କର ଅଧିନିୟମ-୨୦୧୭ରେ କେତେକ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍‌ରେ ଅନୁମୋଦନ ମିଳିଛି। ଏହାବ୍ୟତୀତ ହୀରାକୁଦ ଡ୍ୟାମ୍ ପ୍ରକଳ୍ପ କେନାଲ ପଦ୍ଧତିର ନବୀକରଣ ଯୋଜନାକୁ ମଧ୍ୟ କ୍ୟାବିନେଟ୍‌ରେ ଅନୁମତି ମିଳିଥିବା ମନ୍ତ୍ରୀ କହିଛନ୍ତି। ସେ

କହିଛନ୍ତି, ଏହି ଯୋଜନା ପାଇଁ ୨୦୨୪-୨୫ରୁ ୨୭-୨୮ ମଧ୍ୟରେ ମୋଟ୍ ୮୫୫ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହାଫଳରେ ହୀରାକୁଦ ସେଚାଞ୍ଚଳରେ କେନାଲ କାର୍ଯ୍ୟର ଦକ୍ଷତା ବୃଦ୍ଧି ପାଇବ ବୋଲି ମନ୍ତ୍ରୀ କହିଛନ୍ତି।

## ବିଧାନସଭା-ଟାସ୍କଫୋର୍ସ୍ ଗଠନ

ରାଜ୍ୟରେ କାର୍ଯ୍ୟରତ ଡାକ୍ତରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଟାସ୍କଫୋର୍ସ୍ ଗଠନ କରାଯାଇଛି। ବିଧାନସଭାରେ ଏ ସଂକ୍ରାନ୍ତ ମୁଲତବୀ ପ୍ରସ୍ତାବ ଆଲୋଚନାର ଉତ୍ତରରେ ସଂସଦୀୟ ବ୍ୟାପାର ତଥା ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ପ୍ରତିଟି ମେଡିକାଲ କଲେଜ୍ ପରିସରରେ ପୁଲିସ୍ ଆଉଟ୍‌ପୋଷ୍ଟ ପ୍ରତିଷ୍ଠା କରାଯିବ। ମହିଳା ଏବଂ ଶିଶୁ ଅପରାଧ କ୍ଷେତ୍ରରେ ସରକାର ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରୁଛନ୍ତି। ସେମାନଙ୍କ କ୍ଷେତ୍ରରେ ଘଟୁଥିବା ପ୍ରତିଟି ଅପରାଧର ବିଚାର ପ୍ରକ୍ରିୟାକୁ ତ୍ୱରିତ କରାଯିବା ଉପରେ ସରକାର ପଦକ୍ଷେପ ନେଉଛନ୍ତି ବୋଲି ସେ କହିଛନ୍ତି।

## ଦୁର୍ଘଟଣା ବୃଦ୍ଧି

ରାଜ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁ ଓ ଆହତଙ୍କ ସଂଖ୍ୟା ବୃଦ୍ଧି ପାଉଛି ବୋଲି ଗୃହରେ ପରିବହନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ବିଧାୟକ ସନାତନ ମହାକୁଡଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଚଳିତବର୍ଷ ରାଜ୍ୟରେ ସଡକ ଦୁର୍ଘଟଣାରେ ୫ ହଜାର ୬୯୬ ଜଣଙ୍କ ମୃତ୍ୟୁ ହୋଇଛି। ସେହିଭଳି ୧୦ ହଜାର ୪୧୯ ଜଣ ଆହତ ହୋଇଛନ୍ତି। ସୁନ୍ଦରଗଡ଼ରେ

ସଡକ ଦୁର୍ଘଟଣାରେ ସର୍ବାଧିକ ୪୪୮ ଜଣଙ୍କ ମୃତ୍ୟୁ ହୋଇଛି । ୫ ବର୍ଷ ମଧ୍ୟରେ ରାଜ୍ୟରେ ୫୫ ହଜାର ୫୮୦ଟି ଦୁର୍ଘଟଣା ହୋଇଛି । ଏଥିରେ ୨୬ ହଜାର ୩୧୫ ଜଣଙ୍କର ମୃତ୍ୟୁ ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି ।

## ବଜ୍ରପାତରେ ଓଡ଼ିଶା ଆଗରେ

ରାଜ୍ୟରେ ଗତ ୫ ବର୍ଷ ମଧ୍ୟରେ ୧ ହଜାର ୬୨୫ ଜଣଙ୍କର ବଜ୍ରପାତ ଯୋଗୁଁ ମୃତ୍ୟୁ ହୋଇଛି । ବିଧାନସଭାରେ ଆଜି ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ଖଣିଜ ପଦାର୍ଥ ଅଧିକ ଥିବା ରାଜ୍ୟରେ ବେଶି ବଜ୍ରପାତ ଅନୁଭୂତ ହୋଇଥାଏ । ଅନ୍ୟ ଜିଲ୍ଲାଗୁଡ଼ିକ ତୁଳନାରେ ମୟୂରଭଞ୍ଜ, ସୁନ୍ଦରଗଡ଼, ବାଲେଶ୍ୱର ଓ କେନ୍ଦୁଝରରେ ଅଧିକ ବଜ୍ରପାତ ହେଉଛି । କେବଳ ମୟୂରଭଞ୍ଜ ଜିଲ୍ଲାରେ ବାର୍ଷିକ ହାରାହାରି ୭୨ ହଜାର ଥର ବଜ୍ରପାତ ହୋଇଥିବା ଜଣାପଡିଛି ।  ବଜ୍ରପାତଜନିତ ମୃତ୍ୟୁରେ ଅନୁକମ୍ପାମୂଳକ ସହାୟତା ରାଶି ବୃଦ୍ଧି ନେଇ ସଦସ୍ୟଙ୍କ ପ୍ରସ୍ତାବକୁ ବିଚାର କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

## ଚିନିଶିଳ୍ପ-ପୁନଃକାର୍ଯ୍ୟକ୍ଷମ

**ନୟାଗଡ଼** ଜିଲ୍ଲା ପାଣିପୋଇଲାସ୍ଥିତ ଚିନିକଳର ପୁନଃଉଦ୍ଧାର ପାଇଁ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଚିନିକଳକୁ ଲିଜ୍ ଆକାରରେ ପ୍ରଦାନ କରାଯାଇଥିବା ୧୪୦ ଏକର ଜମିର ସ୍ଥିତି ନେଇ ତହସିଲଦାର ବୈଠକରେ ତଥ୍ୟ

ଉପସ୍ଥାପନ କରିଥିଲେ। ଏହି ବୈଠକରେ ଶିଳ୍ପ, ଜିଲ୍ଲା ପୁଲିସ୍ ଏବଂ ଚିନିକଳ କର୍ତ୍ତୃପକ୍ଷ ଯୋଗଦେଇ ପୁନଃଉଦ୍ଧାର ସମ୍ପର୍କରେ ମତ ବିନିମୟ କରିଥିଲେ।

## ସୁଭଦ୍ରା ଯୋଜନା

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ପୁରୀରେ ସୁଭଦ୍ରା ଯୋଜନାର ଆବେଦନପତ୍ର ବଣ୍ଟନର ସମୀକ୍ଷା କରିଛନ୍ତି। ତାଳବଣିଆ ନିକଟ ଶ୍ରୀକ୍ଷେତ୍ର କଲୋନୀସ୍ଥିତ ଏକ ଅଙ୍ଗନୱାଡି କେନ୍ଦ୍ରକୁ ଯାଇ ଆବେଦନପତ୍ର ବଣ୍ଟନ ନେଇ ଅଙ୍ଗନୱାଡି କର୍ମୀମାନଙ୍କ ସହ ଆଲୋଚନା କରିଥିଲେ।

## ସୁଭଦ୍ରା ଯୋଜନା ରୂପାୟନ

**ନୟାଗଡ଼** ଜିଲ୍ଲାରେ ସୁଭଦ୍ରା ଯୋଜନାରେ ଆବଶ୍ୟକ ଫର୍ମ ପୂରଣ ପାଇଁ ମହିଳାଙ୍କ ମଧ୍ୟରେ ବିଶେଷ ଆଗ୍ରହ ଲକ୍ଷ୍ୟ କରାଯାଇଛି। ସୁରୁଖୁରୁରେ କାର୍ଯ୍ୟ ସମ୍ପାଦନ ପାଇଁ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଏହାର ସମୀକ୍ଷା କରିଛନ୍ତି। ଇତିମଧ୍ୟରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଫର୍ମ ଆବଣ୍ଟନ ହୋଇସାରିଛି।

## ସଂପୂର୍ଣ୍ଣତା ଅଭିଯାନ

**ନୂଆପଡ଼ା** ଜିଲ୍ଲା କୋମନା ବ୍ଲକ ପେଣ୍ଡରାବନ୍ଧ ଗ୍ରାମପଞ୍ଚାୟତରେ ସଂପୂର୍ଣ୍ଣତା ଅଭିଯାନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ନୀତି ଆୟୋଗ ଦ୍ୱାରା ଗତ ଜୁଲାଇ ମାସରୁ ଆରମ୍ଭ ହୋଇଥିବା ଏହି ତ୍ରୈମାସିକ ସମ୍ପୂର୍ଣ୍ଣତା ଅଭିଯାନରେ ପୌଷ୍ଟିକ ଆହାର ଏବଂ ପୌଷ୍ଟିକ ଖାଦ୍ୟଶସ୍ୟ ଉତ୍ପାଦନ

ଉପରେ  ଲୋକଙ୍କୁ ସଚେତନ କରାଯାଇଛି। ଏଥିରେ ମହିଳା ଓ ବାଳିକାଙ୍କୁ ମିଶାଇ ୧୦୦ ଜଣ ଅଂଶଗ୍ରହଣ କରିଥିଲେ।

## ଏମ୍‌ସ୍‌ରେ ୧୩୮୪ ପଦ ଖାଲି

ଭୁବନେଶ୍ୱର ଏମ୍‌ସ୍‌ରେ ମୋଟ୍ ୧ ହଜାର ୩୮୪ଟି ପଦବୀ ଖାଲି ପଡିଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ୍ କହିଛନ୍ତି। ୩୧୫ଟି ଡାକ୍ତରୀ ପଦବୀ ଅନୁମୋଦିତ ହୋଇଥିବାବେଳେ ଏଥିରୁ ୭୨ଟି ଏବେ ମଧ୍ୟ ଖାଲି ପଡିଥିବା ଜଣାପଡିଛି। ସେହିପରି ଅଣଡାକ୍ତରୀ ପଦବୀ ମଧ୍ୟରୁ ମଞ୍ଜୁରୀପ୍ରାପ୍ତ ୩ ହଜାର ୯୦୪ ରୁ ୧ ହଜାର ୩୧୨ ପଦବୀ ଖାଲି ପଡିଛି। ଏମ୍‌ସ୍ ବର୍ହିବିଭାଗକୁ ପ୍ରତ୍ୟେକ ଦିନ ହାରାହାରି ୩ ହଜାର ୫୦୦ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ଚିକିତ୍ସା ପାଇଁ ଏମ୍‌ସ୍‌ରେ ୯୮୩ଟି ଶଯ୍ୟାର ବ୍ୟବସ୍ଥା ରହିଛି।

## ଏକାମ୍ର ପ୍ରକଳ୍ପ

ରାଜଧାନୀ ଭୁବନେଶ୍ୱରରେ ଆଜିଠାରୁ ଏକାମ୍ର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ । ଗତକାଲି ଏକାମ୍ର ପ୍ରକଳ୍ପକୁ ନେଇ ଅନୁଷ୍ଠିତ ସମୀକ୍ଷା ବୈଠକ ପରେ ରାଜ୍ୟ ଆଇନ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ, ପ୍ରକଳ୍ପ କାର୍ଯ୍ୟକୁ ଆସନ୍ତା ବର୍ଷ ଜାନୁୟାରୀ ସୁଦ୍ଧା ନିର୍ଣ୍ଣାୟକ ସ୍ଥିତିକୁ ପହଞ୍ଚାଇବାକୁ ଚେଷ୍ଟା କରାଯିବ ।

# ପାଣିପାଗ

ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଥିବାବେଳେ ପଶ୍ଚିମ-କେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଆଜି ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ଆଜିଠାରୁ ରାଜ୍ୟରେ ବର୍ଷା ପରିମାଣ ବୃଦ୍ଧି ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଆଜି ୧୮ଟି ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

*********************************